## ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମୃତ

ପୋଲସରା,(ଡି.ଏନ.ଏ.) ପୋଲସରା ସହରର ହାଇସ୍କୁଲ ଛକରେ ସୋମବାର ଏକ ଟ୍ରାକ୍ଟର ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପୋଲସରା ଥାନା ଚିରିକିପଡ଼ା ଶାସନ ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ବସନ୍ତ। ଏ ନେଇ ପୋଲସରା ଥାନାରେ ନଂ. ୩୮୧/୨୧ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଦୁର୍ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ଟ୍ରାକ୍ଟରଟି ଦ୍ରୁତ ଗତିରେ ଯାଉଥିବା ବେଳେ ମୁଖ୍ୟ ସଡ଼କ ପାର୍ଶ୍ୱରେ ଛିଡ଼ା ହୋଇଥିବା ବସନ୍ତଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବସନ୍ତଙ୍କୁ ସ୍ଥାନୀୟ ଲୋକମାନେ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲା।

# ଛତ୍ରପୁରକୁ ମିଳିଲାନି ମ୍ୟୁନିସିପାଲିଟି ମାନ୍ୟତା

ଛତ୍ରପୁର,୨୫।୧୦(ଡି.ଏନ୍.ଏ.)

ପୌର ନିର୍ବାଚନ ପାଇଁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ମ୍ୟୁନିସିପାଲ ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ସୋମବାର ଚିଠି ଆସିଛି। ନଭେମ୍ବର ୯ ତାରିଖରେ ଜିଲାପାଳଙ୍କ ପକ୍ଷରୁ ସମସ୍ତ ଏନ୍ଏସି, ମହାନଗର ନିଗମ ଓ ମ୍ୟୁନିସିପାଲିଟିରେ ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ପାଇବ। ୧୮ ତାରିଖ ସୁଦ୍ଧା ସମସ୍ତ ଅଭିଯୋଗ ଦାଖଲ କରାଯିବ ଏବଂ ପରେ ୨୯ ତାରିଖରେ ସଂଶୋଧିତ ୱାର୍ଡ ସଂରକ୍ଷଣ ତାଲିକା ଜିଲାପାଳ ପ୍ରକାଶ କରିବେ। ପୌର ନିର୍ବାଚନ ପାଇଁ ସରକାର ପ୍ରସ୍ତୁତ ହେଉଥିଲେ ମଧ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବା ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ମିଳିଲାନି। ଏହା ଛତ୍ରପୁରବାସୀଙ୍କୁ ନିରାଶ କରିଛି।

ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଦେବା ଲାଗି ପଦକ୍ଷେପ ନେବା ପାଇଁ ହାଇକୋର୍ଟ ୨ବର୍ଷ ପୂର୍ବେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହା ଉପରେ ଏ ଯାବତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଛତ୍ରପୁରକୁ ମ୍ୟୁନିସିପାଲିଟି ମାନ୍ୟତା ପାଇଁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଇଥିବା ପୂର୍ବରୁ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଠିକ୍ ସମୟରେ ଏହା ଉପରେ ଠିକ୍ ନିଷ୍ପତ୍ତି ନେବେ ବୋଲି ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ ମଧ କହିଥିଲେ ବି କୌଣସି ଘୋଷଣା ହେଲାନାହିଁ।

ଓଡିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ଅନୁଯାୟୀ, ସହରକୁ ମ୍ୟୁନିସିପାଲିଟି ଘୋଷଣା ପାଇଁ ୨୫ ହଜାର କିମ୍ବା ତାଠାରୁ ଅଧିକ ଜନସଂଖ୍ୟା ରହିବା ନିହାତି ଜରୁରୀ। ମିଳିଥିବା ସୂଚନା ଅନୁସାରେ ୨୦୧୧ ଜନଗଣନା ଅନୁସାରେ ଛତ୍ରପୁର ଏନଏସି ଅଧୀନରେ ୨୨ ହଜାର ୨୭ ଜଣ ବାସ କରୁଥିଲେ। ତେବେ ଏହାର ୧୦ ବର୍ଷ ପରେ ଏବେ ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କଲେଣି ବୋଲି କୁହାଯାଉଛି। ସହର ସଂଲଗ୍ନ ୨ଟି ପଞ୍ଚାୟତର କେତେକ ଗାଁ କୁ ମିଶାଇଲେ ଏହାର ଜନସଂଖ୍ୟା ୨୮ ହଜାର ରୁ ଉର୍ଦ୍ଧ୍ୱ ହେବ। ଉକ୍ତ ଗାଁଗୁଡିକ ଛତ୍ରପୁର ସହରରେ ସାମିଲ ହେବାକୁ ରାଜି ଅଛନ୍ତି। ଏ ସମ୍ପର୍କିତ ସର୍ବସମ୍ମତି ପତ୍ର ମଧ ଛତ୍ରପୁର ଏନଏସି କର୍ତ୍ତୃପକ୍ଷଙ୍କୁ ଦେଇସାରିଛନ୍ତି। ଜନସଂଖ୍ୟା ସର୍ତ୍ତ ପୂରଣ କରୁଥିବାରୁ ଛତ୍ରପୁର ଏନଏସି ମ୍ୟୁନିସିପାଲିଟି ମାନ୍ୟତା ପାଇପାରିବ। କଣମଣା ପଞ୍ଚାୟତର ପୁରୁଣା ଛତ୍ରପୁର, ଜଗନ୍ନାଥ ନଗର ଏବଂ ଅଗସ୍ତିନୂଆଗାଁ ପଞ୍ଚାୟତ ଅଧିନ ଜିଏନ୍ ପାଲମ, ଭାଗ୍ୟ ଲକ୍ଷ୍ମୀ ନଗର ଓ ବ୍ୟାଙ୍କ କଲୋନୀ ଛତ୍ରପୁର ଏନଏସିରେ ମିଶିବାକୁ ରାଜି ଥିବା ନେଇ ସମ୍ପୃକ୍ତ ପଞ୍ଚାୟତ ପକ୍ଷରୁ ସର୍ବସମ୍ମତି ପତ୍ର ଏନଏସି କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। ଏହାକୁ ଜିଲାପାଳଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା। ସ୍ଥାନ ସଂରକ୍ଷଣକୁ ନେଇ ଗତ ୩ ବର୍ଷ ହେବ ପୌର ନିର୍ବାଚନ ହୋଇପାରୁନଥିଲା।

## ସଂକ୍ଷେପରେ

### ମାଟି ତଳୁ ଗଳିତ ମୃତଦେହ ଜବତ

ଖଜୁରିପଡ଼ା/ବଲସକୁମ୍ପା, ୨୫।୧୦(ଡି.ଏନ.ଏ.) ଖଜୁରିପଡ଼ା ଥାନା ବାଲିସୁଗ୍ରି ଗ୍ରାମ ବନ୍ଧ ନିକଟ ଜଙ୍ଗଲରୁ ଏକ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବାଲିସୁଗ୍ରୀ ଗ୍ରାମର ବିନୋଦ ଜାନି। ବହୁ ଦିନ ପୂର୍ବରୁ ବିନୋଦ ନିଖୋଜ ଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ସୋମବାର ଜଙ୍ଗଲରେ ଗୋରୁ ଚରାଉଥିବା ଲୋକେ ଗନ୍ଧ ଜାଣିପାରି ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ତିରୁପତି ଚୌଧୁରୀ ଏବଂ ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ମାଟିତଳୁ ମୃତଦେହ ଜବତ କରିଛନ୍ତି। ଏନେଇ ଖଜୁରିପଡା ଥାନାରେ ନଂ.୧୧୮/୨୧ରେ ମାମଲା ରୁଜୁ କରାଯାଇଛି।

### ଅଭିଭାବକ, ଶିକ୍ଷକ ଆଲୋଚନା ବୈଠକ

ଗଞ୍ଜାମ,୨୫।୧୦ (ଡି.ଏନ.ଏ.)
ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ସ୍କୁଲ ଶ୍ରେଣୀ ଗୃହ ଠାରେ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଏକ ଆଲୋଚନା ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ଏସ ରାଜଲକ୍ଷ୍ମୀ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ସ୍କୁଲରେ ୧୭୦ ଛାତ୍ର ଅଧ୍ୟୟନ କରୁଥିବା ବେଳେ ମାତ୍ର ୧୫ ରୁ ୨୦ ଅଭିଭାବକ ବୈଠକକୁ ଆସିଥିବା ନେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ସ୍କୁଲ ପିଟିଏ କମିଟି ଚୟନ କରାଯାଇଛି। ଏଥିରେ ଅଭିଭାବକ ଲିଙ୍ଗରାଜ ଆଚାର୍ଯ୍ୟ ସଭାପତି ଓ ଉପସଭାପତି ଭାବେ ରାଜଲକ୍ଷ୍ମୀ ପଟ୍ଟନାୟକଙ୍କୁ ଚୟନ କରାଯାଇଛି।

### ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ଅଭିଯୋଗ

ଦିଗପହଣ୍ଡି,୨୫।୧୦(ଡି.ଏନ.ଏ.)
ସାନଖେମୁଣ୍ଡି ତହସିଲ ଅଧୀନ ପାଟପୁର ରାଜସ୍ୱ ସର୍କଲରେ କାର୍ଯ୍ୟରତ ରାଜସ୍ୱ ନିରିକ୍ଷକ ଅନ୍ତର୍ଯ୍ୟାମୀ ନାହକଙ୍କୁ ଚୁଡଙ୍ଗପୁର ଗ୍ରାମର ଟ୍ରାକ୍ଟର ଚାଳକ ଏ . ଭରତୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ସାନଖେମୁଣ୍ଡି ତହସିଲଦାର ଡ. ଶ୍ରୀନିବାସ ବେହେରା ଏତଲା କ୍ରମେ ପୋଲିସ ନଂ.୨୮୧/୨୧ରେ ମାମଲା ରୁଜୁ କରିଛି। ରବିବାର ଚୁଡଙ୍ଗପୁର ଗ୍ରାମ ମୁଖ୍ୟରାସ୍ତା ଦେଇ ଏକ ପଥର ବୋଝେଇ ଟ୍ରାକ୍ଟର ନଂ. (ଓଆର ୦୭ ଆର୍ ୯୯୬୭) ଯାଉଥିବା ଖବର ପାଇ ରାଜସ୍ୱ ନିରୀକ୍ଷକ ପହଞ୍ଚି ଟ୍ରାକ୍ଟରକୁ ଅଟକାଇ ଆବଶ୍ୟକ କାଗଜପତ୍ର ୱାଇ ଫର୍ମ ଦେଖାଇବାକୁ କହିଥିଲେ। କିନ୍ତୁ ଚାଳକ ଜଣକ ଏକ ପୁରୁଣା ୱାଇ ଫର୍ମ ଦେଖାଇଥିଲେ। ରାଜସ୍ୱ ନିରୀକ୍ଷକ ସାନଖେମୁଣ୍ଡି ତହସିଲଦାରଙ୍କୁ ଫୋନ ଯୋଗେ ବେଆଇନ ପଥର ଚାଲାଣ ସମ୍ପର୍କରେ କହୁଥିବା ସମୟରେ ଚାଳକ ଜଣକ ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ କରିଥିଲେ। ଆହାତ ରାଜସ୍ୱ ନୀରିକ୍ଷକଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତହସିଲଦାର ଦିଗପହଣ୍ଡି ଥାନାରେ ଏତଲା ଦେବା ସମୟରେ ରାଜସ୍ୱ ସୁପରଭାଇଜର ଚିତ୍ରସେନ ସାହୁ, ରାଜସ୍ୱ ନିରୀକ୍ଷକ ରତ୍ନାକର ସ୍ୱାଇଁ, ଭଗବାନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଜନ ସେବା କାର୍ଯ୍ୟକ୍ରମ

ବେଗୁନିଆପଡ଼ା,୨୫।୧୦(ଡି.ଏନ.ଏ.)
କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସୋମବାର ବେଗୁନିଆପଡା ବ୍ଲକରେ ଜନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟ କରାଯିବା ପରେ ଷଣ୍ଢମୂଳ ସ୍ଥିତ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଓ ସାଙ୍କୁଡ଼ା ସ୍ଥିତ ଧବଳେଶ୍ୱର ବିଦ୍ୟାପୀଠ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଷଣ୍ଢମୂଳ ଠାରେ ଏହି ପଞ୍ଚାୟତର ଅଭିଯୋଗ ଶୁଣାଣି କରିଥିଲେ। ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ।

### ପଦୋନ୍ନତି ପାଇଲେ ୨୬ ଶିକ୍ଷକ

ଧରାକୋଟ,୨୫।୧୦(ଡି.ଏନ.ଏନ୍.)
ଧରାକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ଲେବଲ ବି ଶିକ୍ଷକ ୨୬ ଜଣଙ୍କୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି କରାଯାଇଛି। ୩ ଜଣ ଶିକ୍ଷକ ଶ୍ୟାମ ସୁନ୍ଦର ସାହୁ, ଇନ୍ଦ୍ର ପାତ୍ର ଓ କ୍ରିଷ୍ଣା କୁମାରୀ ଚୌଧୁରୀ ସ୍ୱାସ୍ଥ୍ୟ ଗତ କାରଣରୁ ପଦୋନ୍ନତି ତ୍ୟାଗ କରିଥିବା ବେଳେ ଜଣେ ମାତ୍ର ବରିଷ୍ଠ ଭିତ୍ତିରେ ସୁରସେନ ସାହୁ ପ୍ରଧାନ ଶିକ୍ଷକ ପ୍ରାଥମିକ ବିଦ୍ୟାଳୟ ପାଇଁ ଓ ୪ ଜଣ ଲେବଲ (ବି) ବରିଷ୍ଠ ଶିକ୍ଷକ ପଦୋନ୍ନତି ପାଇଛନ୍ତି। ବ୍ଲକ ଶିକ୍ଷାଧିକାରୀ ଭାଗୀରଥି ବେହେରା ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ହୋତା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଉପସ୍ଥାନ ଉପରେ ଗଣଶିକ୍ଷା ନିର୍ଦ୍ଦେଶକଙ୍କ ଗୁରୁତ୍ୱ

## ନାସ ପରୀକ୍ଷାରେ ଉନ୍ନତି ପାଇଁ ଯୋଜନା

ଭଞ୍ଜନଗର,୨୫।୧୦(ଡି.ଏନ୍.ଏ.)

ଶିକ୍ଷା କ୍ଷେତ୍ରରେ ଓଡିଶା ବହୁ ପଛରେ ପଡ଼ିଯାଇଛି। ଜାତୀୟ ସଫଳତା ସମୀକ୍ଷା (ନାସ) ପରୀକ୍ଷାରେ ଓଡିଶା ଦେଶରେ ୧୭ ନମ୍ବରରେ ରହିଛି। ଏଥିରେ ଉନ୍ନତି ଆଣିବାକୁ ହେଲେ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପଡିବ ବୋଲି ରାଜ୍ୟ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ସୋମବାର ଭଞ୍ଜନଗରଠାରେ ଶିକ୍ଷକମାନଙ୍କୁ କହିଛନ୍ତି। ନିର୍ଦ୍ଦେଶକ ଶତପଥୀ ଦୁଇ ଦିନିଆ ଗଞ୍ଜାମ ଜିଲା ଗସ୍ତରେ ଆସି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ଉଜ୍ଜ୍ୱଳ, ଉତ୍ଥାନ ଯୋଜନା ଉପରେ ଆଲୋଚନା କରିଥିଲେ। ନାସ ପରୀକ୍ଷା ପ୍ରତି ୩ ବର୍ଷକୁ ଥରେ ୩ୟ, ୫ମ, ୮ମ ଏବଂ ୧୦ମ ଶ୍ରେଣୀ ପିଲାଙ୍କୁ ନେଇ ହୋଇଥାଏ। ଏହାକୁ ଭିତ୍ତିକରି ରିପୋର୍ଟ ପ୍ରକାଶ ପାଏ। ଆଗକୁ ନାସ ପରୀକ୍ଷା ହେବାକୁ ଥିବାରୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଛି। ସୋମବାର ଠାରୁ ୮ମ ଶ୍ରେଣୀ ଅଫ ଲାଇନରେ ଶିକ୍ଷାଦାନ ଚାଲିଛି। ଏହାପୂର୍ବରୁ ୯ମ, ୧୦ମ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲିଛି। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଶତପ୍ରତିଶତ କିଭଳି ହେବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶକ ଶତପଥୀ ଶିକ୍ଷକମାନଙ୍କ କହିଛନ୍ତି। ନିର୍ଦ୍ଦେଶକ ଭଞ୍ଜନଗର ବ୍ଲକର ଭେଜିପୁଟ ଏବଂ ଗାମୁଣ୍ଡି ୟୁପି ସ୍କୁଲ,ବେଲଗୁଣ୍ଠା ଓ ଜଗନ୍ନାଥପ୍ରସାଦ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଅପରାହ୍ନରେ ଫେରିଛନ୍ତି। ପରିଦର୍ଶନ ସମୟରେ ଯୁଗ୍ମ ନିର୍ଦ୍ଦେଶକ ପ୍ରଶାନ୍ତ ସ୍ୱାଇଁ, ଭଞ୍ଜନଗର ବିଇଓ ଏସ ଧନଞ୍ଜୟ, ବେଲଗୁଣ୍ଠା ବିଇଓ, ଜଗନ୍ନାଥ ପ୍ରସାଦ ବିଇଓ ମହାପାତ୍ର, ଭଞ୍ଜନଗର ଏ.ବି.ଇ.ଓ ସୂର୍ଯ୍ୟ ନାୟକ,ବି.ଆର୍.ସି.ସି ହୃଷିକେଶ ସ୍ୱାଇଁ, ପୂର୍ବତନ ଏ.ବି.ଇ.ଓ ଜଗବନ୍ଧୁ ଜେନା,ସି.ଆର୍.ସି.ସି ନାରାୟଣ ମହାପାତ୍ର ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଗାମୁଣ୍ଡି ୟୁପି ସ୍କୁଲ ପରିଦର୍ଶନ କରୁଛନ୍ତି ନିର୍ଦ୍ଦେଶକ।

# ଝାରସୁଗୁଡ଼ା ଅଧିକାରୀଙ୍କ ପିଉଳ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

ଶେରଗଡ଼,୨୫।୧୦(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତାପିରାମ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ଶେରଗଡ଼ ପିଉଳ ବାଳକ ଓ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଉକ୍ତ ଟିମ ପହଞ୍ଚିବା ପରେ ଶରତ ଚନ୍ଦ୍ର ପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ବେହେରା ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉକ୍ତ ପ୍ରତିନିଧିଦଳ ବିଦ୍ୟାଳୟରେ ଥିବା ସ୍ମାର୍ଟ ଶ୍ରେଣୀ, ଇ ଲାଇବ୍ରେରୀ, ଲାବୋରେଟୋରି, ପାଇଖାନା, ପିଇବା ପାଣି ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ଗସ୍ତ ସମୟରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ସେହିପରି ରାୟଗଡ଼ ଜିଲା ପ୍ରଶାସନିକ ଅଧିକାରୀମାନେ ଉକ୍ତ ବିଦ୍ୟାଳୟ ପରିଦର୍ଶନ କରିଥିଲେ।



ଝାରସୁଗୁଡା ଟିମ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

### କାର୍ତ୍ତିକ ପ୍ରଥମ ସୋମବାର

## ଧବଳେଶ୍ୱର ଶୈବପୀଠ ଭକ୍ତ ଶୂନ୍ୟ

ଗୋପାଳପୁର,୨୫।୧୦(ଡି.ଏନ.ଏ.)
ଗୋପାଳପୁର ଥାନା ଗୋଳାବନ୍ଧ ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଧବଳେଶ୍ୱର ମନ୍ଦିର କାର୍ତ୍ତିକ ମାସ ପ୍ରଥମ ସୋମବାରରେ ଭକ୍ତ ଶୂନ୍ୟ ହୋଇପଡ଼ିଥିଲା। ପ୍ରତି ବର୍ଷ କାର୍ତ୍ତିକ ମାସ ସୋମବାରରେ ଉକ୍ତ ମନ୍ଦିରକୁ ଲକ୍ଷାଧିକ ଭକ୍ତଙ୍କ ସମାବେଶ ହୋଇଥାଏ। ଚଳିତ ବର୍ଷ କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ପ୍ରଶାସନ ପକ୍ଷରୁ ଧବଳେଶ୍ୱର ମନ୍ଦିର ବନ୍ଦ କରାଯାଇଛି। ବହୁ ଭକ୍ତ ଦୂରଦୁରାନ୍ତରୁ ଧବଳେଶ୍ୱର ମହାଦେବଙ୍କ ଦର୍ଶନ ନିମନ୍ତେ ଆସିଥିଲେ ସୁଦ୍ଧା ମନ୍ଦିର ବନ୍ଦ ରହିଥିବା ଯୋଗୁ ଠାକୁରଙ୍କ ଦର୍ଶନ ନ ପାଇ ଫେରିଥିଲେ। ମନ୍ଦିର ବନ୍ଦ ଥିବା ସତ୍ତ୍ୱେ ବାହାରେ କିଛି ଭକ୍ତଙ୍କ ଭିଡ଼ ଜମିବାରୁ ପୋଲିସ ସେମାନଙ୍କୁ ଘଉଡ଼ାଇଥିଲା। ଗୋପାଳପୁର ଥାନା ପୋଲିସ ପକ୍ଷରୁ ମନ୍ଦିର ପରିସରରେ କଡ଼ା ପହରା ଦିଆଯାଇଥିଲା। କେବଳ ପୁଜାରୀ ଓ ମନ୍ଦିର ପ୍ରଶାସନ କମିଟି ଦ୍ୱାରା ନୀତିକାନ୍ତି ପାଳିତ ହୋଇସାରିବା ପରେ ପହଡ଼ ପଡ଼ିଥିଲା।

## ଗୁଟ୍‌ଖା କାରଖାନା ଉପରେ ଚଢ଼ାଉ

ଜଗନ୍ନାଥପ୍ରସାଦ,୨୫।୧୦(ଡି.ଏନ.ଏ.)
ଜଗନ୍ନାଥପ୍ରସାଦ ମୁଖ୍ୟ ବଜାରରେ ସୋମବାର ପ୍ରଶାସନ ପକ୍ଷରୁ ଛୋଟ ବଡ଼ ଗୁଟଖା ବ୍ୟବସାୟୀ ଅନୁଷ୍ଠାନରେ ସୋମବାର ଚଢ଼ାଉ ହୋଇଥିଲା। ଡ୍ରଗ୍ସ ଇନିସ୍ପେକ୍ଟର ଅବକାରୀ ବିଭାଗ, ଏନ୍‌ଟିସିପି ଓ ସ୍ଥାନୀୟ ପୋଲିସ ମିଳିତରେ ଚଢ଼ାଉ କରାଯାଇଥିଲା। ଏହା ଦେଖି କିଛି ଦୋକାନୀ ଭୟ କରୁଥିବା ବେଳେ ଅନ୍ୟ କିଛି ୧୦୦ କିମ୍ବା ୨୦୦ ରସିଦ କାଟି ଚୁପ ରହିବାକୁ ପ୍ରବର୍ତ୍ତାଉଥିଲେ। ସରକାର ସମ୍ପୂର୍ଣ୍ଣ ବିରୋଧ କରୁଥିବା ଗୁଟ୍‌ଖା କ୍ୟାନ୍ସରର କାରଣ ହୋଇଥିବାରୁ ଏହାକୁ ଗ୍ରହଣ କରିବାକୁ ନିଷିଦ୍ଧ ଓ ବେଆଇନ ଘୋଷଣା କରିଛନ୍ତି। କିନ୍ତୁ ସରକାରୀ କାର୍ଯ୍ୟାଳୟରେ ସରକାରୀ କର୍ମଚାରୀମାନେ ଗୁଟ୍‌ଖାକୁ ପକେଟ ଓ ପାଟିରେ ଜାକି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଛୋଟ ପିଲାମାନେ ମଧ ଏଥିରୁ ବାଦ ପଡ଼ିନାହାନ୍ତି। ଉକ୍ତ କମ୍ପାନୀ ବିରୋଧରେ ଏବଂ ବଡ ବଡ଼ ଗୁଟଖା ବ୍ୟବସାୟୀ ଅନୁଷ୍ଠାନଗୁଡ଼ିକରେ ଚଢ଼ାଉ ଜାରି ରଖିବା ସହ ଦୋଷୀଙ୍କ ବିରୋଧରେ କୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

## ଗ୍ରାମ ରୋଜଗାର ସେବକ ସଂଘ ବୈଠକ

ଖଲ୍ଲିକୋଟ,୨୫।୧୦(ଡି.ଏନ.ଏ.)
ଖଲ୍ଲିକୋଟ ସହରସ୍ଥିତ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ପରିସରରେ ଗ୍ରାମ ରୋଜଗାର ସେବକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ଜିଆର୍ଏସ୍ ସଭାପତି ମଧୁସୁଦନ ଗୌଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜିଲା ୨୨ ବ୍ଲକର ସମସ୍ତ ଗ୍ରାମରୋଜଗାର ସେବକ ଉପସ୍ଥିତ ଥିଲେ। ସେବକ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାଗୁଡ଼ିକ ଯଥା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଭତ୍ତା ବଣ୍ଟନ, ଗୃହ ନିର୍ମାଣ, ଜୀବିକା ମିଶନ, କୋଭିଡ୍ ପରିଚାଳନା ଆଦି କାର୍ଯ୍ୟ ସମ୍ବନ୍ଧୀୟ ବିଷୟ ପରିଚାଳନା ଉପରେ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକ ସଭାପତି, ସମ୍ପାଦକ ସମେତ ଜିଲା ସଂଗଠନର କର୍ମକର୍ତ୍ତା ପ୍ରଭାତ ଶିଶିର ପଣ୍ଡା, ସୁକାନ୍ତ ପାଣିଗ୍ରାହୀ, ମନୋଜ ପାତ୍ର, ପ୍ରିୟଦର୍ଶିନୀ ମହାପାତ୍ର, ଗୌରା ସ୍ୱାଇଁଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

# ଅଷ୍ଟମ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦାରିଙ୍ଗବାଡ଼ି,୨୫।୧୦(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ରହିଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଗୁଡ଼ିକ ସୋମବାରରୁ ଖୋଲାଯାଇଛି। କିଛି ବିଦ୍ୟାଳୟରେ ୨୦ରୁ ୪୦ ପ୍ରତିଶତ ଛାତ୍ରୀଛାତ୍ର ଉପସ୍ଥିତ ରହିଥିବା ବେଳେ ଆଉ କିଛି ବିଦ୍ୟାଳୟ ଗୁଡ଼ିକ ସଫାସୁତୁରା କରାଯାଇନଥିବା ଏବଂ ଛାତ୍ରୀଛାତ୍ରଙ୍କୁ ସୂଚନା ଦିଆଯାଇନଥିବା କାରଣରୁ ବିଦ୍ୟାଳୟକୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିବାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଘଟଣା ନିଜେ ବିଇଓ ରସାନନ୍ଦ କର ଏବଂ ଏବିଇଓ ସୁବାସିନି ଦିଗାଳ ପରିଦର୍ଶନ ବେଳେ ଜାଣିବାକୁ ପାଇଛନ୍ତି। ଦାରିଙ୍ଗବାଡ଼ି ବିଇଓ କାର୍ଯ୍ୟାଳୟଠାରୁ ମାତ୍ର ୫ଶହ ମିଟର ଦୁରତାରେ ରହିଥିବା ସାରିଙ୍ଗିଇପି ବିଦ୍ୟାଳୟକୁ ସଫାସୁତୁରା କରାଯାଇ ପାରିନଥିବାରୁ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିନଥିବା ଦେଖି ପ୍ରଧାନ ଶିକ୍ଷକଙ୍କୁ ବିଇଓ ତାଗିଦ କରିବା ସହ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି କହିଛନ୍ତି। ସେହିପରି ସିମନବାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏବିଇଓ ତଥା ବିଆରସିସି ସୁବାସିନି ଦିଗାଳ, ପ୍ରଧାନ ଶିକ୍ଷକ ବିଦେଶୀ ନାୟକଙ୍କ ସମେତ ସରପଞ୍ଚ ଅମିତା ପ୍ରଧାନ, ବିଦ୍ୟାଳ ପରିଚାଳନା କମିଟିର ସଭାପତି ପରମେ ପ୍ରଧାନ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମିଶି ଛାତ୍ରୀଛାତ୍ରଙ୍କୁ ଗୋଲପ ଫୁଲ ଦେଇ ସ୍ୱାଗତ କରିଥିଲେ। ଉକ୍ତ ବିଦ୍ୟାଳୟରେ ୫୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୦ ଜଣ ଉପସ୍ଥିତ ଥିଲେ।

# ଆକ୍ରମଣ ଅଭିଯୋଗରେ ୪ ଗିରଫ

ଗୋପାଳପୁର,୨୫।୧୦(ଡି.ଏନ.ଏ.)
ଜନୈକ ବ୍ୟକ୍ତିଙ୍କୁ ମାଡ଼ ମାରିବା, ହତ୍ୟା ଧମକ ଦେବା ଅଭିଯୋଗରେ ଗୋଳନ୍ଥରା ପୋଲିସ ୪ ଜଣଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଦିଗପହଣ୍ଡି ଥାନା ଅଞ୍ଚଳର ଜଗା ସେଠୀ (୧୯), ମିଥୁନ ସେଠୀ (୨୮), ନୀର ସେଠୀ (୫୦) ଓ ପ୍ରକାଶ ନାୟକ (୩୪)। ଏହି ଥାନା ଅନ୍ତର୍ଗତ କନିଷି ହାଟ ଗ୍ରାମର ମିହିର କୁମାର ଚୌଧୁରୀ କନିଷି ହାଟ ତୁଲୁ ରାସ୍ତାରେ ଥିବା ପାଣି ଫ୍ୟାକ୍ଟ୍ରିରେ କାମ କରନ୍ତି। ଗତ ୨୧ରେ ଦିଗହପଣ୍ଡି ଅଞ୍ଚଳର କିଛି ବ୍ୟକ୍ତି ଅଟୋ ଯୋଗେ ଆସି ମିହିର କାମ କରୁଥିବା ସ୍ଥାନରେ ପହଞ୍ଚିଥିଲେ। ସେଠାରୁ ମିହିରଙ୍କୁ ଉଠାଇ ନେଇ ଟଙ୍କା କାହିଁକି ଦେଉନ କହି ନିସ୍ଥୁକ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ଏହି ସମୟରେ ମିହିର ପାଟି କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ମିହିରଙ୍କ ଏତଲା କ୍ରମେ ନଂ ୩୦୨/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ସୋମବାର ଅଭିଯୁକ୍ତମାନେ ଦିଗପହଣ୍ଡି ଥାନାଞ୍ଚଳରେ ବୁଲୁଥିବା ବେଳେ ଧରାପଡ଼ିଥିଲେ।

# ପାଚିକା ସହାୟିକା ସଂଘର ବିକ୍ଷୋଭ

ଫୁଲବାଣୀ ଅଫିସ, ୨୫।୧୦

ନିଖିଳ ଓଡିଶା ଏମଡିଏମ ପାଚିକା ସହାୟିକା ସଂଘ କନ୍ଧମାଳ ଶାଖା ପକ୍ଷରୁ ବିଭିନ୍ନ ଦାବିରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାଚିକା ସହାୟିକାମାନେ ସ୍ଥାନୀୟ ମଦିକୁନ୍ଦା ଛକରୁ ରାଲିରେ ବାହାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ପରେ ଏକ ଦାବିପତ୍ର ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ପାଚିକା ସହାୟୀକାମାନେ ସେମାନଙ୍କ ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ଆସୁଥିବା ବେଳେ ସରକାର ଉଚିତ ପାରିଶ୍ରମିକ ଦେଉନାହାନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ମଧ ମିଳୁନାହିଁ। ଦରମା ନିୟମିତ ମିଳୁ ନ ଥିବା ବେଳେ ଗ୍ରୀଷ୍ମ ଛୁଟି ଦୁଇ ମାସର ବେତନ ବି ନାହିଁ। ଚାକିରିର ନିରାପତ୍ତା କି ସ୍ଥାୟିତ୍ୱ ନାହିଁ। ବିଦ୍ୟାଳୟକୁ ତୁରନ୍ତ ଖୋଲିବା, ସରକାରୀ ଚାକିରୀର ମାନ୍ୟତା ଦେବା, ସର୍ବନିମ୍ନ ମଜୁରୀ, ପରିଚୟ ପତ୍ର ପ୍ରଦାନ କରିବା, ବକେୟା ମଜୁରୀ ଦେବା, ପ୍ରତଶୃତି ମୁତାବକ ୨୦୧୮ରୁ ମାସିକ ୨୦୦୦ ଟଙ୍କା ମଜୁରୀ ବିଭିନ୍ନ ପାଚିକାମାନେ ପ୍ରକାଶ କରିଥିଲେ। ସଂଘର ଆବାହକ ଜନବାଦୀ ଗଉଡଙ୍କ ନେତୃତ୍ୱରେ ବିନୋଦିନୀ ପ୍ରଧାନ, ମିନି କହଁର, ଗୀତାଂଜଳୀ ସାହୁ, ସବିତା ବେହେରା, ଅଳକା ସାହୁ, ନିକିମା ପ୍ରଧାନ, ବୈଜନ୍ତୀ କହଁର, ସୁକାନ୍ତୀ ନାୟକ, ନିରୂପମା ପ୍ରଧାନ, ମଞ୍ଜୁଳା ସାହୁ ପ୍ରମୁଖ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଥିଲେ।



ପାଚିକା ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ତାଲିମ

ଧରାକୋଟ,୨୫।୧୦(ଡି.ଏନ୍.ଏ.)

ଧରାକୋଟ ବ୍ଲକ ମୁଣ୍ଡମରାଇ ସ୍ଥିତ ଅନନ୍ତ ନାରାୟଣ ନୋଡାଲ ବିଦ୍ୟାପୀଠରେ ୩ ଦିନ ଧରି ନୂତନ ଶିକ୍ଷା ନୀତି ତାଲିମ ଶିବିର ଅନୁଷ୍ଠିତ ହୋଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ଭାଗିରଥି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଏବିଇଓ ପ୍ରଦୀପ କୁମାର ହୋତା ଯୋଗଦେଇଥଲେ। ବ୍ଲକର ୨୦ ଉଚ୍ଚ ବିଦ୍ୟାଳୟର ୨୦୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନୂତନ ଶିକ୍ଷା ନୀତି ପାଇଁ ସମସ୍ତ ପାଠ୍ୟକ୍ରମ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ୯ଜଣ ସାଧନ କର୍ମୀ ତାଲିମ ପ୍ରଦାନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ ଓ ପୂର୍ବତନ ବିଜ୍ଞାନ ନିରୀକ୍ଷକ ପନ୍ନଗ ଭୂଷଣ ମାଝୀ ମିଳିତ ଭାବେ ବୈଜ୍ଞାନିକ ପଦ୍ଧତିରେ ଶିକ୍ଷା କ୍ଷେତ୍ରରେ ଉପଯୋଗ କରିବା ଉପରେ ଆଲୋଚନା କରିଥିଲେ। ଏହିକାର୍ଯ୍ୟକ୍ରମରେ ନିରନ୍ତର ଶିକ୍ଷା ଗ୍ରହଣ ଓ ଛାତ୍ର, ଛାତ୍ରୀଙ୍କ ବ୍ୟକ୍ତିତ୍ୱର ବିକାଶ, ଶିକ୍ଷାରେ ଇଚ୍ଛା ଶକ୍ତିର ଆଗ୍ରହ, ସ୍କୁଲ ପ୍ରବେଶର ପ୍ରଥମ ଦିନରୁ ଚରିତ୍ର ଓ ଶିକ୍ଷା କ୍ଷେତ୍ରରେ ମୂଲ୍ୟାଙ୍କନ, ପ୍ରକଳ୍ପ ଭିତ୍ତିକ ଶିକ୍ଷା ଦାନ ଉପରେ ଶିବିରାର୍ଥିଙ୍କୁ ତାଲିମ ଦିଆଯାଇଥିଲା। ଅନନ୍ତ ନାରାୟଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

# ଧାନ ଫସଲ ନଷ୍ଟ କଲେ ହାତୀପଲ

- ଗ୍ରାମାଞ୍ଚଳରେ ରାତିସାରା ବିଦ୍ୟୁତ୍ କାଟ୍
- ଦିଗପହଣ୍ଡିକୁ ପାନୀୟଜଳ ଯୋଗାଣ ବନ୍ଦ

ଦିଗପହଣ୍ଡି,୨୫।୧୦(ଡି.ଏନ.ଏ.)
ଦିଗପହଣ୍ଡି ଅଞ୍ଚଳରେ ହାତୀଙ୍କ ଦୌରାତ୍ମ୍ୟରେ ଚାଷୀଙ୍କ ନିଦ ହଜିଯାଇଛି। ହାତୀପଲଙ୍କ ଦ୍ୱାରା ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ହାତୀ କରିଡ଼ର ଭାବେ ଚିହ୍ନଟ କରାଯାଇଥିବା ଗ୍ରାମାଞ୍ଚଳରେ ରାତିସାରା ବିଦ୍ୟୁତ୍ କାଟ କରାଯାଉଥିବାରୁ ମୌଳାଭଞ୍ଜା ନଦୀପଠାରୁ ଦିଗପହଣ୍ଡି ସହରକୁ ରବିବାର ରାତିଠାରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବାରୁ ବାସିନ୍ଦା ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଆମ ଆଦମୀ ପାର୍ଟିର ଦିଗପହଣ୍ଡି ବ୍ଲକ ସଭାପତି କୁରେଶୁ ମହାରଣା ଏବଂ ଗଞ୍ଜାମ ଜିଲା କାର୍ଯ୍ୟକର୍ତ୍ତା ବୃନ୍ଦ ଏ ନେଇ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ସୋମବାର ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରବିବାର ବିଳମ୍ବିତ ରାତିରେ ହାତୀପଲ ଆସି ଦିଗପହଣ୍ଡି ବନାଞ୍ଚଳ ଅଧିନ କେନ୍ଦ୍ରୀୟ ନର୍ସରୀ ନିକଟ ଚାଙ୍ଗୁଡ଼ିଦେଇ ସଂରକ୍ଷିତ ଜଙ୍ଗଲରେ ରହିଛନ୍ତି। ସ୍ଥାନୀୟ ଚାଷୀମାନଙ୍କର ପ୍ରାୟ ୪ ଏକରରୁ ଉର୍ଦ୍ଧ୍ୱ ଚାଷ ଜମିର ଧାନ ଫସଲକୁ ହାତୀପଲ ଦଳି ନଷ୍ଟ କରିଦେଇଛନ୍ତି। ସୋମବାର ସକାଳୁ ଚାଷୀମାନେ ନିଜ ନିଜ ଚାଷ ଜମିରେ ନଷ୍ଟ ହୋଇଥିବା ଧାନ ଫସଲ ଦେଖି ଦିଗପହଣ୍ଡି ବନ ବିଭାଗକୁ ଖବର କରିଥିଲେ। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ସ୍ଥିତି ପରଖିବା ସହ ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି। ପାଟପୁର ବନବିଭାଗ ସେକ୍ସନ ରତନେଇ ଜଙ୍ଗଲରୁ ଏହି ହାତୀ ପଲ ସାନଖେମୁଣ୍ଡି ବ୍ଲକ ହରିଣା ଗ୍ରାମ ପାହାଡ଼ ଅତିକ୍ରମ କରି ଦିଗପହଣ୍ଡି ସହର ଉପକଣ୍ଠକୁ ଚାଲି ଆସିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ହାତୀ ପଲରେ ୩ ଟି ଛୁଆ ହାତୀଙ୍କ ସହ ୬ ଟି ମାଇ ହାତୀ ଥିବା ଜଣାପଡ଼ିଛି। ହାତୀପଲ ଧାନ କମ୍ ଖାଉଥିବା ବେଳେ ଅଧିକ ପରିମାଣରେ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ବନପାଳ ସୋମନାଥ ମଲ୍ଲିକଙ୍କ ନେତୃତ୍ୱରେ ତାଲିମପ୍ରାପ୍ତ ୨ ହାତୀ ଟ୍ରାକରଙ୍କ ସମେତ ୧୬ ଜଣ ବନ କର୍ମଚାରୀଙ୍କୁ ହାତୀ ଘଉଡାଇବା କାର୍ଯ୍ୟରେ ନିୟୋଜିତ କରାଯାଇଛି ବୋଲି ଦିଗପହଣ୍ଡି ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ କହିଛନ୍ତି। ଦିଗପହଣ୍ଡି ବିଦ୍ୟୁତ୍ ବିଭାଗୀୟ କର୍ମଚାରୀମାନେ ସମ୍ପୂର୍ଣ୍ଣ ସଜାଗ ରହିଥିବା ସହକାରୀ ଯନ୍ତ୍ରୀ ଇଂ.ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ହାତୀଙ୍କ ଗତିବିଧି ଅନୁସାରେ ବନବିଭାଗ ପକ୍ଷରୁ ଯେଉଁ ପରାମର୍ଶ ଦିଆଯିବ ସେହି ସବୁ ରାସ୍ତାର ବିଦ୍ୟୁତ୍ ସରବରାହ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି।

